# NATIONAL NEWS BULLETIN (ODIA)

## 25 July - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ରୀୟ ବଜେଟ୍ ଉପରେ ରାଜ୍ୟସଭାରେ ବିଭିନ୍ନ ଦଳ ପକ୍ଷରୁ ହୋଇଛି ଆଲୋଚନା ।
- ଲୋକସଭା ଆଲୋଚନାରେ ବଜେଟ୍ ପ୍ରସ୍ତୁତିରେ ପକ୍ଷପାତନୀତି ନେଇ ଅଭିଯୋଗକୁ ଏନ୍.ସି.ପି. ସଦସ୍ୟ ସୁନୀଲ ତଟକରେଙ୍କ ଖଣ୍ଡନ ।
- ୧୬ଟି ଦେଶ ଭାରତୀୟ ପାସ୍‌ପୋର୍ଟ୍‌ଧାରୀଙ୍କୁ ମାଗଣା ଭିସା ପ୍ରଦାନ ସହ ଦେଶ ଭ୍ରମଣର ଅନୁମତି ପ୍ରଦାନ କରିଛନ୍ତି, କହିଲେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ।
- ଉଚ୍ଚ ନ୍ୟାୟାଳୟ ଗୁଡ଼ିକରେ ଗତ ୧୦ ବର୍ଷରେ ବିଚାରପତି ସଂଖ୍ୟା ବୃଦ୍ଧି ପାଇ ପହଞ୍ଚିଛି ୧ହଜାର ୧୧୪ରେ ।

ଏବଂ

- ଓଡ଼ିଶା ବିଧାନସଭାରେ ଚଳିତ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ହେଲା ୨ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ।

# ଆର୍‌ଏସ୍‌-ବଜେଟ୍ ଡିସ୍‌କସନ୍‌

ରାଜ୍ୟସଭାରେ ଆଜି କେନ୍ଦ୍ରୀୟ ବଜେଟ୍ ଉପରେ ବିସ୍ତୃତ ଆଲୋଚନା ହୋଇଛି । କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀର ଉପରେ ଆଜି ରାଜ୍ୟସଭାରେ ଚର୍ଚ୍ଚା ପୁଣିଥରେ ହୋଇଛି । କଂଗ୍ରେସ ସାଂସଦ ରଣଦୀପ ସିଂହ ସୁରଜେବାଲା କୃଷକ, ଗରିବ ଏବଂ ବେକାରୀ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, କୃଷକମାନଙ୍କର ଋଣ ଛାଡ଼ କରିବା ପାଇଁ ବଜେଟ୍‌ରେ କୌଣସି ବ୍ୟବସ୍ଥା କରାଯାଇନାହିଁ । ସରକାର କୃଷକମାନଙ୍କ ଶସ୍ୟ ଉପରେ ଉଚିତ୍ ମୂଲ୍ୟ ପ୍ରଦାନ କରିବା ପାଇଁ କୌଣସି ପ୍ରକାର ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଛନ୍ତି ।

ଆମ୍ ଆଦମୀ ପାର୍ଟିର ରାଘବ ଚଢ଼ା କହିଛନ୍ତି, ଏହି ବଜେଟ୍‌ରେ ସରକାର ସମାଜର ସବୁ ବର୍ଗର ଲୋକମାନଙ୍କ ଅନ୍ୟାୟ କରିଛନ୍ତି । ସେ ଅଭିଯୋଗ କରିଛନ୍ତି, ଏଭଳି ବଜେଟ୍ ପ୍ରସ୍ତୁତି ଫଳରେ ସାଧାରଣ ଲୋକମାନଙ୍କ ଋଣଭାର ବୃଦ୍ଧି ପାଇବା ସହ ଗ୍ରାମୀଣ ରୋଜଗାର ଆହୁରି ହ୍ରାସ ପାଇବ । ଦରଦାମ ବୃଦ୍ଧି ଏବଂ ବେକାରୀ ସମସ୍ୟା ଉପରେ ମଧ୍ୟ ଶ୍ରୀ ଚଢ଼ା ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

ବିଜୁ ଜନତା ଦଳର ଦେବାଶିଷ ସାମନ୍ତରାୟ ସରକାରଙ୍କ ଉପରେ ଅଭିଯୋଗ ଆଣି କହିଛନ୍ତି, ଏହି ବଜେଟ୍‌ରେ ଆଞ୍ଚଳିକ ଆକାଂକ୍ଷାକୁ ଅଣଦେଖା କରାଯାଇଛି । କେନ୍ଦ୍ର ସରକାର ଓଡ଼ିଶା ପାଇଁ ଏହି ବଜେଟ୍‌ରେ

କିଛି ରଖି ନାହାନ୍ତି । ଶ୍ରୀ ସାମନ୍ତରାୟ କହିଛନ୍ତି, ଏହି ବଜେଟ୍ ପ୍ରସ୍ତୁତିରେ ସରକାର ଦୁଇଟି ରାଜ୍ୟକୁ  କେବଳ ଖୁସି କରିବା ଛଡ଼ା ଆଉ କିଛି କରିନାହାନ୍ତି । ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟ ପ୍ରତି ସରକାର ଅଣଦେଖା ମନଭାବ ଦେଖାଇଛନ୍ତି ।

ଆର୍.ଜେ.ଡି.ର ସଂଜୟ ଯାଦବ ଏହି ବଜେଟ୍‌କୁ ଗରିବ ବିରୋଧୀ ବୋଲି ବିବେଚନା କରିଛନ୍ତି । ସେ କହିଛନ୍ତି, ଏହି ବଜେଟ୍‌ରେ ନୂତନ ରୋଜଗାର ବଢ଼ାଇବା ଏବଂ କୃଷକମାନଙ୍କ ବିକାଶ କରିବା ଉପରେ ସରକାର କୌଣସି ସ୍ୱତନ୍ତ୍ର ପଦକ୍ଷେପ ନେଇନାହାନ୍ତି । ସେ କହିଛନ୍ତି, ବିଶ୍ୱର ପଞ୍ଚମ ବୃହତ ଅର୍ଥ  ବ୍ୟବସ୍ଥା ଦେଶ ହୋଇଥିବା ସତ୍ତ୍ୱେ ପ୍ରତିଟି ବ୍ୟକ୍ତିର ଆୟ ମାମଲାରେ ଭାରତ ୧୯୭ ଦେଶ ମଧ୍ୟରେ ୧୪୨ ସ୍ଥାନରେ ରହିଛି ।

ତୃଣମୂଳ କଂଗ୍ରେସର ସମିରୁଲ୍ ଇସଲାମ୍ ଏହି ବଜେଟ୍‌କୁ ଜନବିରୋଧୀ ବୋଲି କହିଛନ୍ତି । ଏହି ବଜେଟ୍ ଦେଶର ସୁବିଧା ସୁଯୋଗ ପାଉଥିବାରୁ ବଞ୍ଚିତ ଲୋକମାନଙ୍କ ପ୍ରତି ଅନ୍ୟାୟ କରିଛି । ବିଶେଷ କରି ଅସଂଗଠିତ କ୍ଷେତ୍ରରେ ଲୋକମାନଙ୍କ ପାଇଁ ଏହି ବଜେଟ୍‌ରେ କିଛି ବ୍ୟବସ୍ଥା ନାହିଁ ।

ଅପର ପକ୍ଷରେ ବିଜେପି ସାଂସଦ ମେଧା କୁଲକର୍ଣ୍ଣି ଚଳିତ ବଜେଟ୍‌କୁ ପ୍ରଶଂସା କରି କହିଛନ୍ତି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମହାରାଷ୍ଟ୍ର ପାଇଁ

ପର୍ଯ୍ୟାପ୍ତ ପରିମାଣର ବ୍ୟବସ୍ଥା କରିଛନ୍ତି । ନାଗପୁରରେ ଥିବା ନାଗ ନଦୀ ଏବଂ ପୁଣେର ମୁଲତା-ମୁଥା ନଦୀର ସଫେଇ ପାଇଁ ସରକାର ଚଳିତ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି । ଗତ ୨୦୧୪ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଗଙ୍ଗା ନଦୀରେ ସ୍ୱଚ୍ଛତା ଆଣିବା ପାଇଁ ଅଭିଯାନ ଆରମ୍ଭ କରିନାହାନ୍ତି ବରଂ ଦେଶର ଅନ୍ୟାନ୍ୟ ନଦନଦୀ ଗୁଡ଼ିକୁ ସଫା ରଖିବା ପାଇଁ ବ୍ୟବସ୍ଥା କରିଛନ୍ତି । ଏହି ଆଲୋଚନାରେ ଡି.ଏମ୍.କେ.ର ଏମ୍ ସାନ୍‌ମୁଗମ୍, ଏ.ଆଇ.ଡି.ଏମ୍.କେ.ର ସି.ଭି. ସାନ୍‌ମୁଗମ୍ ଏବଂ କଂଗ୍ରେସର ରଜନୀ ପାଟିଲ୍‌ଙ୍କ ସମେତ ବିଭିନ୍ନ ସଭ୍ୟ ସାମିଲ ହୋଇଥିଲେ ।

## ଏଲ୍‌ଏସ୍-ବଜେଟ୍ ଡିସ୍‌କସନ୍

ଲୋକସଭାରେ ମଧ୍ୟ ଆଜି କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା ଅନୁଷ୍ଠିତ ହୋଇଛି । କଂଗ୍ରେସ ସଭ୍ୟ ଚରଣଜିତ ସିଂହ ଚନ୍ନି ଅଭିଯୋଗ କରିଛନ୍ତି, ଏହି ବଜେଟ୍ ଲୋକମାନଙ୍କୁ ହତାଶ କରିଛି । ସଂସଦ ପରିସରରେ ଥିବା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରିବାକୁ ନେଇ ଶ୍ରୀ ଚନ୍ନି ପ୍ରଶ୍ନ କରିଛନ୍ତି । ପଞ୍ଜାବ ରାଜ୍ୟ ପ୍ରତି ଏହି ବଜେଟ୍‌ରେ ଅବହେଳା ପ୍ରଦର୍ଶନ କରାଯାଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି, ଏହି ବଜେଟ୍‌ରେ ବନ୍ୟା ପ୍ରଭାବିତ ପଞ୍ଜାବ ଲୋକମାନଙ୍କ ପାଇଁ କୌଣସି ପ୍ରକାର ସୁବିଧା ଦିଆଯାଇ ନାହିଁ । ସରକାରଙ୍କୁ ବଞ୍ଚାଇବା ପାଇଁ

ଏହି ବଜେଟ୍ ତିଆରି କରାଯାଇଛି । ମନରେଗା ଅଧୀନରେ ଶ୍ରମିକମାନଙ୍କ ମଜୁରୀକୁ କାହିଁକି ବୃଦ୍ଧି କରାଯାଇ ନାହିଁ ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

ସରକାର ବଜେଟ୍ ପ୍ରସ୍ତୁତିରେ ପକ୍ଷପାତ ନୀତି ଅବଲମ୍ବନ କରିଥିବାକୁ ଖଣ୍ଡନ କରି ଏନ୍.ସି.ପି. ସଭ୍ୟ ସୁନୀଲ ତଟକରେ କହିଛନ୍ତି, ତାଙ୍କ ରାଜ୍ୟ ମହାରାଷ୍ଟ୍ରର ବିକାଶ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ଗଠବନ୍ଧନ ଶାସନ ସମୟରେ ହୋଇଛି । ସେ କହିଛନ୍ତି, ସରକାର କରିଥିବା ଜନହିତକର କାର୍ଯ୍ୟକୁ ବିରୋଧୀ ଦଳ ମଧ୍ୟ ପ୍ରଶଂସା କରିବାର ପରମ୍ପରା ରହିଛି । ତେବେ ଏମାନେ କେବଳ ବଜେଟ୍ ବିରୁଦ୍ଧରେ ସମାଲୋଚନା କରିବା ପାଇଁ ଆଲୋଚନା କରୁଛନ୍ତି ।

ତୃଣମୂଳ କଂଗ୍ରେସର ସୌଗତ ରାୟ କହିଛନ୍ତି, ଏହା ଏକ ବିଭାଜନକାରୀ ବଜେଟ୍ ଅଟେ । ସେ କହିଛନ୍ତି, କଂଗ୍ରେସ ଦଳର ଘୋଷଣାପତ୍ରରେ ଉଲ୍ଲେଖ ଥିବା ବିଭିନ୍ନ ଯୋଜନା ଗୁଡ଼ିକୁ ବଜେଟ୍‌ରେ ପ୍ରତିଫଳନ କରାଯାଇଛି । ସେ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାରଣ ଯୋଜନା ପଶ୍ଚିମବଂଗ ସରକାରଙ୍କ ଯୋଜନାରୁ ନକଲ କରାଯାଇଛି ।

# ଏଲ୍‌ଏସ୍‌-ଆଡଜର୍ଣ୍ଣ

ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଆଜି ଲୋକସଭାରେ ହଟ୍ଟଗୋଳ ଯୋଗୁଁ ସଂସଦ ଦୁଇଥର ମୁଲତବୀ ହୋଇଥିଲା । କଂଗ୍ରେସ ସଭ୍ୟ ଚରଣଜିତ ସିଂହ ଚନ୍ନି ବଜେଟ୍ ଆଲୋଚନାରେ ଅଂଶଗ୍ରହଣ କରିବା ସମୟରେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବେଅନ୍ତ ସିଂହ ଏବଂ ତାଙ୍କର ଜେଜେବାପା  ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରବନୀତ ସିଂହ ବିଟୁଙ୍କ ହତ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହାକୁ ନେଇ ଉଭୟ ଦଳ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ସଂସଦକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମସ୍ତ ସାଂସଦମାନଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖି ଗୃହର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବାକୁ ନିବେଦନ କରିଥିଲେ ।

ସଂସଦୀୟ ବେପାର ମନ୍ତ୍ରୀ କୀରଣ ରିଜିଜୁ ଶ୍ରୀ ଚନ୍ନି କୃଷକମାନଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଏହାକୁ ସଂସଦ ପ୍ରିଭିଲେଜ୍ କମିଟିକୁ ପଠାଇବାକୁ କହିଥିଲେ ।

ସେହିପରି ଏନ୍.ସି.ପି. ସଭ୍ୟ ସୁନୀଲ ତଟକାରେ ଏବଂ ଟି.ଏମ୍.ସି. ସାଂସଦ କଲ୍ୟାଣ ବାନାର୍ଜୀଙ୍କ ବଜେଟ୍ ସମ୍ପର୍କିତ  ମତବିନିମୟକୁ ଆଧାର

କରି ସଂସଦକୁ ପୁଣିଥରେ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ଏହା ପରେ ପୁନଶ୍ଚ ଆଲୋଚନା ଆରମ୍ଭ ହୋଇଥିଲା ।

## ଆର୍‌ଏସ୍-ଭିସା

କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଆଜି ରାଜ୍ୟସଭାରେ ସୂଚନା ଦେଇ କହିଛନ୍ତି, ୧୬ଟି ଦେଶ ଭାରତୀୟ ପାସ୍‌ପୋର୍ଟ୍‌ଧାରୀମାନଙ୍କୁ ମାଗଣା ଭିସା ପ୍ରଦାନ ସହ ସେଠାକୁ ଯିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ୪୦ଟି ଦେଶ ତତ୍କାଳ ଭିସା ପ୍ରଦାନ କରୁଥିବା ବେଳେ ୪୭ଟି ଦେଶ ଇ-ଭିସା ସୁବିଧା ଭାରତୀୟ ପାସ୍‌ପୋର୍ଟ୍‌ଧାରୀମାନଙ୍କୁ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ସରକାର ଏଭଳି ସୁବିଧା ଯେପରି ଅଧିକ ଦେଶମାନଙ୍କ ପକ୍ଷରୁ ମିଳିପାରିବ ସେଥିପ୍ରତି ପଦକ୍ଷେପ ନେଉଛନ୍ତି । ମନ୍ତ୍ରୀ କହିଛନ୍ତି, ତେବେ ଏଭଳି ବ୍ୟବସ୍ଥା ଏବଂ ସୁବିଧା ଦେବାରେ ଯେକୌଣସି ରାଷ୍ଟ୍ରର ଏହା ଏକ ସାର୍ବଭୌମ୍ୟ ଅଧିକାର ।

## ଆର୍ଏସ୍-ଜଜ୍

ସରକାର ଆଜି ରାଜ୍ୟସଭାରେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଉଚ୍ଚ ନ୍ୟାୟାଳୟ ଗୁଡ଼ିକରେ ବିଚାରପତି ସଂଖ୍ୟା ୯୦୬ରୁ ବୃଦ୍ଧି ପାଇ ୧ହଜାର ୧୧୪ରେ ପହଞ୍ଚିଛି । ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଆଇନ୍ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘଓ୍ୱାଲ କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟରେ ହେଉଥିବା ବିଚାରପତିମାନଙ୍କ ନିଯୁକ୍ତି ଭାରତର ସମ୍ବିଧାନରେ ଥିବା ନିୟମ ଅନୁସାରେ କରାଯାଉଛି, ଯେଉଁଥିରେ କୌଣସି ଜାତି କିମ୍ବା ଶ୍ରେଣୀ ଆଧାରରେ ସଂରକ୍ଷଣ ପ୍ରଦାନ କରାଯାଉନାହିଁ । ସେ କହିଛନ୍ତି, ସୁପ୍ରିମ୍‌କୋର୍ଟ କଲେଜିୟମ୍‌ଙ୍କ ସୁପାରିଶ ଅନୁସାରେ ଏହି ବିଚାରପତିମାନଙ୍କ ନିଯୁକ୍ତି କରାଯାଇଥାଏ ।

## ବଜେଟ୍ ଉପସ୍ଥାପନ

ଓଡ଼ିଶା ବିଧାନସଭାରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚଳିତ ଆର୍ଥିକବର୍ଷ ପାଇଁ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ୍‌ରେ କୃଷକ, ମହିଳା, ସାମାଜିକ ନ୍ୟାୟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶିଳ୍ପ, ନିଯୁକ୍ତି ଆଦି ୧୦ଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି। ବଜେଟ୍‌ରେ ପ୍ରଶାସନିକ ବ୍ୟୟ ପାଇଁ ୯୭ ହଜାର ୭୨୫ କୋଟି ଟଙ୍କା ବ୍ୟୟବରାଦ

କରାଯାଇଛି । ସେହିଭଳି ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠି ପାଇଁ ୩ ହଜାର ୯୦୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି । କୃଷି ପାଇଁ ୩୩ ହଜାର ୯୧୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସିଏମ୍ କିଷାନ୍ ଯୋଜନା ପାଇଁ ୧ ହଜାର ୯୩୫ କୋଟି ଟଙ୍କା ଖର୍ଚ୍ଚ ହେବ । ଚାଷୀମାନଙ୍କଠାରୁ ଉଚିତ୍ ମୂଲ୍ୟର ଧାନ କ୍ରୟର ଲକ୍ଷ୍ୟ ନେଇ ସମୃଦ୍ଧ କୃଷକ ଯୋଜନା ପାଇଁ ୫ ହଜାର କୋଟି ଟଙ୍କା ମଂଜୁର ହୋଇଛି ।

ସେହିଭଳି ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ୍ ଆରମ୍ଭ ହେବ । ମହିଳା ମାନଙ୍କ ବିକାଶ ପାଇଁ ବଜେଟ୍‌ରେ ବିଶେଷ ବ୍ୟବସ୍ଥା ହୋଇଛି । ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ୍‌ଶକ୍ତି ବିଭାଗ ପାଇଁ ୧୭ ହଜାର ୯୪୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । **ସୁଭଦ୍ରା** ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଯୋଜନା ଅଧିନରେ ୨ ହଜାର ୪୬୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଶିକ୍ଷା କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇ ଚଳିତ ଆର୍ଥିକବର୍ଷରୁ ସମଗ୍ର ରାଜ୍ୟରେ ପିଏମ୍‌ଶ୍ରୀ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି । ବଜେଟ୍‌ରେ କ୍ରୀଡା ଓ ଯୁବସେବା ପାଇଁ ୧ ହଜାର ୩୧୫ କୋଟି ଟଙ୍କାର ଅଟକଳ ହୋଇଛି ।

# ଏଲ୍‌ଏସ୍-ଉଦ୍ୟମ

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଝୀ ଲୋକସଭାରେ ସୂଚନା ଦେଇଛନ୍ତି, ଗତ ୨୦୨୦ ଜୁଲାଇ ପହିଲାରୁ ଉଦ୍ୟମ ପୋର୍ଟାଲ୍ ଅଧୀନରେ ପ୍ରାୟ ୨ କୋଟି ୭୭ ଲକ୍ଷ ଉଦ୍ୟୋଗ ଅଧୀନରେ ୧୮ କୋଟିରୁ ଊର୍ଦ୍ଧ୍ୱ ନିଯୁକ୍ତି ପଞ୍ଜୀକରଣ ହୋଇଛି । ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ବିଭିନ୍ନ କାରଣରୁ ୪୯ ହଜାର ଉଦ୍ୟୋଗରେ ପଞ୍ଜୀକୃତ ତାଲିକାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓହରି ଯାଇଛନ୍ତି ।